ବିଗତ ଆର୍ଥିକ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ:

ସବୁଜ ଖତର ପ୍ରସାର ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ଫାର୍ମରେ ଛଣି ଓ ଧନିଚା ୨.୫ ଏକର ଜମିରେ ଚାଷ କରାଯାଇ ଉତ୍ପନ୍ନ ମଞ୍ଜିକୁ ୨୦ ଏକରରେ ବିସ୍ତାର କରାଯାଇଥିଲା

ରାଶି କିସମ ସ୍ମରକ ଓ ଅମ୍ରିତ ର ସଫଳ କ୍ଷେତ୍ର ପରୀକ୍ଷଣ ୧୦ ଜଣ ଚାଷିଙ୍କ କ୍ଷେତ୍ରରେ କରାଯାଇଥିଲା । ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧୦ ଜଣ ଚାଷୀଙ୍କ ଜମିରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନରେ ମଞ୍ଜି ବିଶୋଧନ କରିବା ସହ ବୁଣିବାର ୩୦ ଓ ୬୦ଦିନ ମଧ୍ୟରେ Imidachloprid 17.8% SL and Difenthiuron 50% WP ଦ୍ୱାରା ସିଂଚନ କରାଯାଇଥିଲା

ବରପାଲି ବ୍ଲକର କୋବି ଫସଲରେ ଦେଖାଯାଉଥିବା ଜୋକ ପୋକର ନିୟନ୍ତ୍ରଣ ନିମନ୍ତେ ୧୦୦ ଜଣ ଚାଷୀଙ୍କୁ ୪ଟି ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଇଥିଲା ।

ବାଇଗଣ ଫସଲରେ ସମନ୍ୱିତ ରୋଗ ପୋକ ନିୟନ୍ତ୍ରଣ ନିମନ୍ତେ ୭ ଟି ଗ୍ରାମରେ ୧୨୫ ଜଣ ଚାଷୀଙ୍କୁ ୧୦ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡ଼େ ଓ ୨୫ କେ.ଜି. ସୁଡ୍ରୋମୋନାସ ଜୈବ ଫିମ ନାଶକ ସହ ୨ କ୍ୱି. ନିମ୍ବ ପିଡ଼ିଆ ଯୋଗାଇ ଦିଆଯାଇଥିଲା

ଆମ କେନ୍ଦ୍ର ପରିସର ମଧ୍ୟରେ ଶୁଷ୍କାଂଚଳ ଉପଯୋଗୀ ଫସଲ ଯଥା Lemon grass, Hybrid Napier, Sishal ଓ Dragon fruits ଆଦିର ବଗିଚା କରାଯାଇଥିଲା ।

ବରଗଡ଼ ଜିଲ୍ଲାରେ ବାସନା ଧାନର ବିସ୍ତାର ନିମନ୍ତେ ୩୦ ଜଣ ଯୁବକଙ୍କୁ ଆମ କେନ୍ଦ୍ର ତରଫରୁ ୪ କ୍ୱି. ବିହନ, ୨୫ ଲି. ଜିବାମୃତ, ୧୦୦ ଟି Trichocard. ୨ କ୍ୱି. ଧନିଚା ସହ ଉନ୍ନତ ଜ୍ଞାନ କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା ।

ବିଗତ ତା୧୨.୧୧.୨୧ ରିଖ ରୁ ତା୧୫.୧୨.୨୧ ରିଖ ମଧ୍ୟରେ ୪୦ ଜଣ କୀଟନାଶକ ବିକ୍ରେତାଙ୍କୁ ସମନ୍ୱିତ ରୋଗ ପୋକ ପରିଚାଳନା ଉପରେ ୧୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ତା ୨୧.୦୩.୨୦୨୨ ରିଖ ଦିନ ଭେଡେନ୍ ବ୍ଲକର ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ରେମେଣ୍ଡା ଗ୍ରାମ ପଂଚାୟତରେ ଏକ ବିଶାଳ ପ୍ରାଣୀ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇ ୫୦୦ ରୁ ଉର୍ଦ୍ଧ୍ୱ ଗାଈ, ଛେଳି, ଓ ମେଣ୍ଢା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ଔଷଧ ଓ ଭିଟାମିନ ଦିଆଯାଇଥିଲା ।

କେନ୍ଦ୍ର ତରଫରୁ ଅଗଷ୍ଟ ୨୧ ତାରିଖରେ ଜାତୀୟ ପୋଷଣ ଜାଗୃତି ଶିବିର, ସେପ୍ଟେମ୍ବର ୧୭ ତାରିଖରେ ପୋଷଣ ଦିବସ ଅକ୍ଟୋବର ୧୫ ତାରିଖରେ କୃଷିଜୀବି ମହିଳା ଦିବସ, ୧୬ ତାରିଖରେ ବିଶ୍ୱ ଖାଦ୍ୟ ଦିବସ, ଡିସେମ୍ବର ୫ ତାରିଖରେ ବିଶ୍ୱ ମୃତ୍ତିକା ଦିବସ ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ର ଆୟୋଜନ କରାଯାଇ ୮୦୦ ରୁ ଉର୍ଦ୍ଧ୍ୱ କୃଷକ ଓ କୃଷିଜୀବୀ ମହିଳା ମାନଙ୍କୁ ଦିବସ ପାଳନର ବିଶେଷତ୍ୱ ଉପରେ ସୂଚନା ପ୍ରଦାନ କରାଯାଇଥିଲା

6th National Seminar on Doubleing Farmers Income

Celebration of World Soil Day

Celebration of Women in Agriculture Day

Celebration of Food Day

ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଶ୍ରୀ ନୃସିଂହ ଚରଣ ବାରିକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ସମ୍ପାଦିକା: ଶ୍ରୀମତୀ ସୁଶ୍ମୀତା ସାହୁ, ବୈଜ୍ଞାନିକା (ଗୃହ ବିଜ୍ଞାନ)

ସମ୍ପାଦନା ମଣ୍ଡଳୀ :

ଶ୍ରୀ ସନତ୍ କୁମାର ମେହେର, ବୈଜ୍ଞାନିକ (ଉଦ୍ୟାନ କୃଷି)

ରୁକୈୟା ବେଗମ୍, ବୈଜ୍ଞାନିକା (ଉଦ୍ଭିଦ ବିଜ୍ଞାନ)

ଶ୍ରୀ ଆଲୋକ କୁମାର ସାହୁ, ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ସଂପ୍ରସାରଣ)

ଶ୍ରୀ ଦୀପଙ୍କର ଜେନା, କାର୍ଯ୍ୟ ନିର୍ବାହୀ (ବିହନ ବିଜ୍ଞାନ)

ଶ୍ରୀମତୀ ପ୍ରାର୍ଥନା ମହାନ୍ତି, କ୍ଷେତ୍ର ପରିଚାଳିକା

ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ବରଗଡ, ଗମ୍ଭାରୀପାଲି,

ପୋ : ଲରମ୍ଭା, ଜିଲ୍ଲା : ବରଗଡ, ଓଡ଼ିଶା

ଫୋନ : ୦୬୬୮୨-୨୨୫୨୩୮

E-Mail : kvkbaragarh.ouat@gmail.com,

Web site : www.kvkbargarh.org

Typed & Designed : Sanat Kumar Meher, PA (C), KVK Bargarh.

Printed at : Vinayak Alpha, Bargarh

Krishi Vigyan Kendra
Bargarh
Odisha University of Agriculture & Technology
Bhubaneswar

ଧନୁଶ୍ରୀ
Dhanushree

କୃଷି ବିଜ୍ଞାନ କେନ୍ଦ୍ର
ବରଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

पंचदश वर्ष — ପଞ୍ଚଦ୍ଦଶ ବର୍ଷ | ଅପ୍ରିଲ ୨୦୨୧-ମାର୍ଚ୍ଚ ୨୦୨୨ | ପ୍ରଥମ ସଂଖ୍ୟା

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଙ୍କ ବାର୍ତ୍ତା

ବର୍ତ୍ତମାନ କୃଷି କ୍ଷେତ୍ରର ଉତ୍ପାଦନ ବଢାଇବା ସହ ଉତ୍ପାଦିତ ସାମଗ୍ରୀର ବିକ୍ରି ଓ ମୂଲ୍ୟଯୁକ୍ତ ପ୍ରସ୍ତୁତିର ଆବଶ୍ୟକତା ରହିଅଛି । ଏହି ପରିପେକ୍ଷୀରେ ଆମ୍ଭେ ସମସ୍ତେ ବଜାରର ଚାହିଦାକୁ ଆଖିରେ ରଖି କୃଷି ଓ ଆନୁସଂଗିକ ଚାଷକୁ ବଢାଇବା । ବିଶେଷ କରି ଯାହାର ଅମଳକୁ ସାଇତି ରଖିବାର ସହ ବାହାର ବଜାରକୁ ପଠାଇହେବ, ସେହିପରି ଚାଷର ପରିଚାଳନା କରିବା । ଆମ୍ଭ ଜିଲ୍ଲାର ଚାଷୀମାନେ ବର୍ଷର ବାର ମାସରେ ୧୨ ଟି ପ୍ରକାରର ଉତ୍ପାଦନ କରି ବିକ୍ରି କରିବା ପାଇଁ ଚେଷ୍ଟା କରିବେ ବୋଲି ମୋର ଆଶା ଓ ବିଶ୍ୱାସ ।

ନୃସିଂହ ଚରଣ ବାରିକ

ପୁଷ୍ଟିଯୁକ୍ତ ଧାନ ସି.ଆର ଧାନ ୩୧୧ର ସଫଳ କ୍ଷେତ୍ର ପ୍ରଦର୍ଶନ

ଆଜିକାଲି ସମାଜରେ ଲୋକ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଦିନକୁ ଦିନ ସଚେତନତା ବଢ଼ିବାରେ ଲାଗିଛି । ତେଣୁ ସମସ୍ତଙ୍କର ପୁଷ୍ଟିଯୁକ୍ତ ଖାଦ୍ୟ ଉପରେ ଚାହିଦା ବିଶେଷ ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଆମ କେନ୍ଦ୍ର ତରଫରୁ ଖଇରପାଲି, ଲହଣ୍ଡା, ବରପାଲି, ଚଡ୍ଢେଇଗାଁର ୧୦ଜଣ ଚାଷୀଙ୍କୁ ପୁଷ୍ଟିଯୁକ୍ତ ସି.ଆର. ଧାନ-୩୧୧ ର ଅଗ୍ରଣୀ କ୍ଷେତ୍ରପ୍ରଦର୍ଶନ କରାଯାଇଥିଲା ।ଏହି କିସମଟି ୧୨୦-୧୨୫ ଦିନ ଅବଧି ବିଶିଷ୍ଟ ଅଟେ ଏବଂ ଏଥିରେ ଅନ୍ୟାନ ଧାନ ତୁଳନାରେ ପୃଷ୍ଟିସାର ଓ ଦସ୍ତାର ପରିମାଣ ଅଧିକ ଥାଏ ଯାହାକି ୧୦.୧% ଓ ୨୦ ପି.ପି.ଏମ. ଅଟେ । ଏହି ଧାନଟି ଜଳସେଚିତ ମଝିଆଳି କିସମ ଜମିରେ ରୁଆଯାଇଥିଲା ଏହା ବୁଦାପ୍ରତି ୧୨ଟି ପିଲ ଦେଇଥିଲା । ଏହା ହେକ୍ଟର ପ୍ରତି ୪୧ କ୍ୱି. ଅମଳ ଦେଇଥିଲା ଯାହାକି ପୂର୍ବ ଅପେକ୍ଷା ୭.୮ % ଅଧିକ ଥିଲା ଏହି କିସମଟି ଉଭୟ ପୁଷ୍ଟିଯୁକ୍ତ ଓ ଅଧିକ ଅମଳ ଦେଉଥିବାରୁ ଏହାକୁ ଅଧିକରୁ ଅଧିକ ଚାଷୀ କରିବାପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

କନ୍ଦମୂଳ ର ଜୈବ ଦୃଢ଼ (Biofortified) କିସମର କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ

ଆମ ସମାଜର ପୃଷ୍ଟି ନିରାପତା ପାଇଁ ଏବେ ଚାଷୀମାନଙ୍କୁ ଜୈବ ଦୃଢ଼ କିସମର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱାରପ କରାଯାଉଅଛି, ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ବରଗଡ଼ ତରଫରୁ କନ୍ଦମୂଳର ଦୁଇଟି ଜୈବଦୃଢ଼ କିସମ ଯଥା -ଭୂ -କ୍ରିଷ୍ଣା (ଅଧିକ ଆଁଟି ଅକ୍ସିଡାଁଟ) ଓ ଭୂ-ସୋନା (ଅଧିକ ଭିଟାମିନ ଏ ଯୁକ୍ତ) ବ୍ୟବହାର ଉପରେ କ୍ଷେତ୍ର ପରିକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଥିପାଇଁ ଜାମପାଲି, ଭୁତିବାହାଲ, ବାନ୍ଦେନବାହାଲ ଗ୍ରାମର ୭ ଜଣ ମହିଳା ଚାଷୀଙ୍କ ଏହି ଦୁଇ କିସମର ଲଟା ଯୋଗାଇଦିଆଯାଇଥିଲା । ଏହାକୁ ଚାଷ କରି ସେମାନେ ହେକ୍ଟର ପ୍ରତି ନିଜର ଦେଶୀ କିସମରୁ ୧୧୬ କ୍ୱି. ଅମଳ ପାଇଥିବା ସମୟରେ ଏହି ଦୁଇ ଉନ୍ନତ କିସମରୁ ଯଥାକ୍ରମେ ୧୭୩ କ୍ୱି. ଓ ୧୮୭ କ୍ୱି. ଅମଳ ପାଇପାରିଥିଲେ । ଏହାକୁ ଖାଇବା ସମୟରେ ଦେଶୀ କିସମ(ଲାଲଚୋପା ଯୁକ୍ତ) ଅଧିକ ମିଠା ଲାଗୁଥିବା ବେଳେ ଭୂ-ସୋନା (କମଳା ରଙ୍ଗ ଯୁକ୍ତ) ଟି କମ ମିଠା ଓ ଭୂ କ୍ରିଷ୍ଣା ନୀଳ ରଙ୍ଗ) ଟି ଟିକେ କଷା ଲାଗୁଥିଲା । ତେଣୁ ଏହି ଦୁଇ କିସମରୁ ଭୂ-ସୋନାଟି ରେ ଉଭୟ ମିଠା ଓ ଅମଳ ଭୂ-କ୍ରିଷ୍ଣା ଅପେକ୍ଷା ଅଧିକ ମିଳୁଥିବାରୁ ଏହା ଦେଶୀ କିସମ ଅପେକ୍ଷା ଅଧିକ ପୋଷଣ ଯୁକ୍ତ ହୋଇଥିବାରୁ ଆଖପାଖର ଚାଷୀ ମହିଳାମାନେ ଏହାକୁ ଆଗାମି ବର୍ଷରେ କରିବାପାଇଁ ଆଗ୍ରହ ପ୍ରକାଶକରିଛନ୍ତି ।

ଝାଉଁଳା ନିରୋଧକ ବିଶିଷ୍ଟ ବାଇଗଣର ସଫଳ କ୍ଷେତ୍ର ପରିକ୍ଷଣ ।

ବାଇଗଣ ଫସଲରେ ଝାଉଁଳା ରୋଗ ଏକ ମୁଖ୍ୟ ସମସ୍ୟା । ତେଣୁ ଏହାକୁ ଦୃଷ୍ଟିରେ ରଖି ବିଗତ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ତରଫରୁ ଭାରତୀୟ ଉଦ୍ୟାନ ଗବେଷଣା ସଂସ୍ଥାନ, ବେଙ୍ଗାଲୁରୁ ଦ୍ୱାରା ବାହାରିଥିବା ଦୁଇଟି ଝାଉଁଳା ନିରୋଧି କିସମ ଆର୍କା ହର୍ଷିତା ଓ ଆର୍କା ଆନନ୍ଦ ର ସଫଳ କ୍ଷେତ୍ର ପରିକ୍ଷଣ କ ରାଯାଇଥିଲା । ଏହି ପରୀକ୍ଷଣରେ ଚାଷୀ ଯଥାକ୍ରମେ ଉପରୋକ୍ତ ଦୁଇଟି କିସମରୁ ୨୬୬.୪ ଓ ୨୯୪.୨ କ୍ୱି. ଅମଳ ପାଇପାରିଥିଲା ଯାହାକି ଚିରାଚରିତ ଅମଳ ଅପେକ୍ଷା ଯଥାକ୍ରମେ ୨୩.୭୫ ଓ ୨୧.୫୯% ଅଧିକ ଥିଲା । ଏହାଛଡ଼ା ଆର୍କା ଆନନ୍ଦ କିସମରେ କମ୍ ଚାରା ଝାଉଁଳା ଯୋଗୁଁ ନଷ୍ଟ ହୋଇଥିଲା । ଯାହାକି ପୂର୍ବ ଅପେକ୍ଷା ୩୫% କମ ଥିଲା । ତେଣୁ ଉଭୟ ଅଧିକ ଅମଳ, ଝାଉଁଳା ରୋଗ ନିୟନ୍ତିତ ହେବା ସହିତ ଏହାର ଫଳ ଧଳା ସବୁଜ ରଙ୍ଗର ହୋଇଥିବାରୁ ଆର୍କା ଆନନ୍ଦ କିସମଟି ଚାଷୀ ମାନଙ୍କ ମଧ୍ୟରେ ବିଶେଷ ଆଦୃତ ଲାଭ ହୋଇଥିଲା ।

ଧାନରେ ଜୈବିକ ଉପାୟରେ ମହିଷା ରୋଗର ନିୟନ୍ତ୍ରଣ

ସମଗ୍ର ଓଡ଼ିଶା ରେ ବରଗଡ଼ ଜିଲ୍ଲା ଧାନ ଚାଷ ପାଇଁ ପ୍ରସିଦ୍ଧ ଲାଭ କରିଛି । ମାତ୍ର ଧାନରେ ରୋଗପୋକ ଚାଷୀ ମାନଙ୍କର ଏକ ମୁଖ୍ୟ ସମସ୍ୟା । ତନ୍ମଧ୍ୟରୁ ମହିଷା ରୋଗ ଯୋଗୁଁ ଚାଷୀ ମାନଙ୍କର ବିପୁଳ କ୍ଷତି ଘଟିଥାଏ । ତେଣୁ ବିଗତ ଖରିଫ ଋତୁରେ ଧାନରେ ଜୈବିକ ଉପାୟରେ ମହିଷା ରୋଗର ନିୟନ୍ତ୍ରଣ ପାଇଁ ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା ଏହି ପରୀକ୍ଷଣରେ ବିହନକୁ ଜୀବାମୃତ ଦ୍ୱାରା ବିଶୋଧନ କରାଯାଇ ଏକର ପ୍ରତି ମାଟିରେ ୧୦୦ ଲି. ଜିବାମୃତ ସିଂଚନ ପରେ ବୁଣାଯାଇଥିଲା । ରୋଗ ଦେଖାଯିବାପରେ ଜିବାମୃତ ୧୦% ୨ଥର ୭ ଦିନ ଅନ୍ତରରେ ସିଂଚନ କରାଯାଇଥିଲା ।ଏହି ଉପଚାର ଫଳରେ ହେକ୍ଟର ପ୍ରତି ୩୨.୮ କ୍ୱି. ଧାନ ଅମଳ ହୋଇଥିଲା ଯାହାକି ପାରମ୍ପରିକ ପଦ୍ଧତି ଅପେକ୍ଷା ୭.୫୪% ଅଧିକ ଥିଲା । ଏହା ସହିତ ମହିସା ରୋଗର ସୁଚକାଙ୍କ ୧.୫ କୁ ଖସି ଆସିଥିଲା । ତେଣୁ ଆଗକୁ ବହୁତ ଧାନ ଚାଷୀ ଜୈବିକ ଉପାୟରେ ଧାନଚାଷ କରି ଏହିରୋଗକୁ ଦମନ କରି ଅଧିକ ଅମଳ କରିବାପାଇଁ ଆଶା ପୋଷଣ କରିଛନ୍ତି ।

କାକୁଡ଼ି ପତ୍ରଶୁଢ଼ଙ୍ଗ ପୋକ ର ସମନ୍ୱିତ ପରିଚାଳନା

କାକୁଡ଼ି ବରଗଡ଼ ଜିଲ୍ଲାର ଏକ ମୁଖ୍ୟଲାଭକାରୀ ଫସଲ । ବର୍ଷା ଋତୁରେ ପ୍ରାୟ ଏହି ଫସଲଟି ପତ୍ରଶୁଢ଼ଙ୍ଗ ପୋକ ଦ୍ୱାରା ଆକ୍ରାନ୍ତ ହୋଇଥିବାରୁ ଅମଳ କମ ହୋଇଥାଏ । ତେଣୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏହି ପୋକର ନିୟନ୍ତ୍ରଣ ପାଇଁ ନିମ୍ବ ମଞ୍ଜି ଚୋପାର ଅବଶିଷ୍ଟାଂଶରୁ ପ୍ରସ୍ତୁତ ପଦାର୍ଥ ଓ ରାସାୟନିକ Cyromazine ର ୭୫ ଦ୍ରବିଭୁତ ଗୁଣ୍ଡ କୁ ହେକ୍ଟର ପ୍ରତି ୨୫୦ ଗ୍ରା. ହାରରେ ୨ ଥର ଯଥାକ୍ରମେ ମଞ୍ଜି ଲଗାଇବାର ୪୫ ଓ ୬୦ ଦିନ ପରେ ସିଂଚନ କରାଯାଇଥିଲା । ଏହି ଉପଚାର ଦ୍ୱାରା ଉକ୍ତ ପୋକକୁ ନିୟନ୍ତ୍ରଣ କରିବା ସହ ହେକ୍ଟର ପ୍ରତି ୭୬.୭୫ କ୍ୱି. ବିକ୍ରି ଯୋଗ୍ୟ କାକୁଡ଼ି ଅମଳ ହୋଇଥିଲା, ଯାହାକି ପୂର୍ବ ଅପେକ୍ଷା ୪୩.୨୧% ଅଧିକ ଥିଲା । ଏହାକୁ ଦେଖି ଆହୁରି କାକୁଡ଼ି ଚାଷୀ ଏହି ଔଷଧ ବ୍ୟବହାର କରି ଅଧିକ ଅମଳ ପାଇବାପାଇଁ ଆଶା ପୋଷଣ କରିଛନ୍ତି ।

ବାସନା ଧାନ ଚାଷର ବିସ୍ତାର

ବରଗଡ଼ ଜିଲ୍ଲାରେ ବର୍ଷା ଋତୁରେ ବାସନାଧାନ ବିସ୍ତାର ନିମନ୍ତେ ଖୁଁଟୁଲି ପାଲୀ ଓ ଟୁକୁରା ଗ୍ରାମରେ ୨.୫ ଏକର ଜମିରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏଥି ନିମନ୍ତେ ଉନ୍ନତ କିସମ ନୂଆ କଳାଜିରା, ଧନିଚା ଚାଷ କରାଯାଇ ବୁଆଯାଇଥିଲା । ରୋଗ ପୋକ ନିୟନ୍ତ୍ରଣ ନିମନ୍ତେ ନିମ୍ବ ଆଧାରିତ କୀଟନାଶକ ଓ ନିମ୍ବ ଉଦ୍ଧୃତାଂସ ସିଂଚନ ସହ Tricho gamma Chilonis ପରଜିବୀ କୀଟର ଅଣ୍ଡା ଏକର ପ୍ରତି ୨୦ ହଜାର ହାରରେ ୫ଥର ଛଡ଼ାଯାଇଥିଲା ଓ ଗୋବର ପାଣି ଏକର ପ୍ରତି ୧୦ କି.ଗ୍ରା. ହାରରେ ସିଂଚନ କରାଯାଇଥିଲା । ଏହି ଉପଚାରଦ୍ୱାରା ଏକର ପ୍ରତି ଧାନ ୧୩.୮୨ କ୍ୱି. ଅମଳ ଦେଇଥିଲା ଓ ଏହାଦ୍ୱାରା ଚାଷୀ ହାରାହାରି ୧୫୨୮୦ ଟଙ୍କା ଲାଭ ପାଇଥିଲା ।

ଆୟ ବୃଦ୍ଧି ନିମନ୍ତେ କ୍ଷୁଦ୍ର ଡାଲି ଯନ୍ତ୍ରର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ

ଆମ ଜିଲ୍ଲାରେ ଡାଲି ଜାତୀୟ ଫସଲ ମଧ୍ୟରେ ଚାଷୀମାନେ ମୁଖ୍ୟତ: ହରଡ଼, ମୁଗ, ବିରି ଓ କୋଳଥ ଆଦି ଚାଷ କରିଥାନ୍ତି । ଅମଳ ପରେ ଏହାକୁ ସିଧା ସଳଖ ଭାବରେ ବିକ୍ରି କଲେ ସେମାନଙ୍କୁ ବହୁତ କମ୍ ଲାଭ ମିଳିଥିଏ । ମାତ୍ର ଏହି ଗୋଟା ଡାଲିକୁ ଭାଙ୍ଗି ଫାଳ ଡାଲିକୁ ବାହାର କରି ଏଥିରୁ ଚୋପା ଛଡ଼ା ଡାଲି କରି ବଜାରରେ ବିକ୍ରି କଲେ ଏଥିରୁ ଅଧିକ ଲାଭ ମିଳିଥାଏ । ଏଥିପାଇଁ ମହିଳା ମାନେ ସାଧାରଣତ ଢିଙ୍କି ବା ହାତ ଚାଳିତ ଡାଲି ପେଷା ଯନ୍ତ୍ର ଓ ପାଛୁଡ଼ିବା ପାଇଁ କୁଲା ବ୍ୟବହାର କରିଥାନ୍ତି । ଏହା କରିବାପାଇଁ ଅଧିକ ସମୟ ଓ ପରିଶ୍ରମ ଦରକାର ପଡ଼ିଥାଏ । ଏହାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ କ୍ଷୁଦ୍ର ବିଦ୍ୟୁତ ଚାଳିତ ଡାଲି ପେଷା ଯନ୍ତ୍ରର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଖରସଲ, ପାତ୍ରପାଲି ଓ ବଡ଼ବାଉସେନ ଗ୍ରାମରେ କରାଯାଇଥିଲା ଏଥିରୁ ଦେଖାଯାଇଥିଲାଯେ ପାରମ୍ପରିକ ପଦ୍ଧତିରେ ଘଂଟା ପିଛା ୩.୫ କେ.ଜି. ଡାଲି କରାଯାଉଥିବା ସମୟରେ ଯନ୍ତ୍ର ଦ୍ୱାରା ଘଂଟା ପିଛା ୨୮ କେ.ଜି. ଡାଲି କରାଯାଇପାରିଥିଲା । ଏହାଛଡ଼ା ଭଙ୍ଗା ଡାଲିର ପରିମାଣ ମଧ୍ୟ ଯନ୍ତ୍ରରେ ୧୫ % କମ୍ ଥିଲା ।ମହିଳାମାନେ ଏକ କ୍ୱି. ଡାଲିରୁ ୩୧୩୦ ଟଙ୍କା ଲାଭ ପାଇପାରିଥିଲେ । ଏହାକୁ ଦେଖି ଅନ୍ୟାନ୍ୟ ମହିଳାମାନେ ଡାଲି ଯନ୍ତ୍ରକୁ ନିଜର ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କିଣି ନିଜର ଗୋଷ୍ଠୀର ଆର୍ଥିକ ସ୍ଥିତିକୁ ମଜବୁତ କରିବା ପାଇଁ ଅଂଟା ଭିଡୁଛନ୍ତି ।

କଦଳୀ କାନ୍ଧି ରେ ପୋଷକ ତତ୍ୱର ବ୍ୟବହାର

ଆଜି କାଲି କଦଳୀକୁ ଅଧିକ ଓଜନଦାର କରିବାପାଇଁ ସାରର ବ୍ୟବହାର କରାଯାଉଅଛି । ଏହି ଉପଚାରରେ କଦଳୀର ଫୁଲକୁ କାଟିଲା ପରେ ପ୍ରତ୍ୟେକ କାନ୍ଧିରେ ୭.୫ ଗ୍ରା. ୟୁରିଆ, ୭.୫ ଗ୍ରା. ପଟାସିୟମ ସଲଫେଟ ଓ ୫ ଗ୍ରା. କଦଳୀ ସ୍ପେଶିଆଲ ଯାହାକି IIHR ଦ୍ୱାରା ପ୍ରସ୍ତୁତ ଔଷଧକୁ ୨୦୦ ଗ୍ରା. ଜିଆ ଖତ ସହ ମିଶାଇ ପଲିଥିନ୍ ଥଳିରେ ବାନ୍ଧି ପ୍ରୟୋଗ କରାଯାଇଥିଲା । ଏହା ଦ୍ୱାରା କାନ୍ଧିର ଓଜନ ୨.୮୮ କେ.ଜି. ହୋଇଥିଲା ସମୟରେ ହାରାହାରି ହେକ୍ଟର ପ୍ରତି ୬୧୨ କ୍ୱି. ଅମଳ ହୋଇପାରିଥିଲା । ଯାହାକି ପୂର୍ବ ଅପେକ୍ଷା ୯.୬୭% ଅଧିକ ଥିଲା । ଏହାର ସଫଳତାକୁ ଦେଖି ଅନ୍ୟ କଦଳୀ ଚାଷୀମାନେ ଏହାକୁ ଆପଣେଇ ଅଧିକ ଲାଭବାନ ହେବାପାଇଁ ଆଶା ପୋଷଣକରିଛନ୍ତି ।

ମହିଳା ମାନଙ୍କ ଶ୍ରମଲାଘବ ପାଇଁ ଶକ୍ତି ଚାଳିତ ମାଣ୍ଡିଆ ଅମଳ ଯନ୍ତ୍ରର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ

ପୃଷ୍ଟି ସୁରକ୍ଷା ଦିଗରେ ପୋଷଣ ଶସ୍ୟ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ପୋଷଣ ଶସ୍ୟ ମଧ୍ୟରେ ମାଣ୍ଡିଆ ଚାଷ ଆମ ବରଗଡ଼ ଜିଲ୍ଲାରେ ଚାଷୀ ମାନଙ୍କର ଦିନକୁ ଦିନ ଆଗ୍ରହ ବଢ଼ିବାରେ ଲାଗୁଛି । ମାତ୍ର କୃଷିଜୀବି ମହିଳାମାନେ ମାଣ୍ଡିଆ ଅମଳ ସମୟରେ ମାଣ୍ଡିଆ କେଣ୍ଡାଟିକୁ ଛିଣ୍ଡାଇ ତାକୁ ବାଡ଼ିରେ ବାଡ଼େଇବା ପରେ, କୁଲାରେ ପାଛୁଡ଼ି ମାଣ୍ଡିଆକୁ ଚୋପାରୁ ଅଲଗା କରିଥାନ୍ତି । ଯାହାକୁ ମହିଳା ମାନଙ୍କୁ କରିବାପାଇଁ ଅଧିକ ସମୟ ଲାଗିଥାଏ । ଏହାକୁ କମ୍ କରିବାପାଇଁ ବାଞ୍ଜି ଡୁଙ୍ଗୁରୀ ଓ କେ ଗଣ୍ଡପାଲୀ ଗ୍ରାମରେ ଶକ୍ତି ଚାଳିତ ମାଣ୍ଡିଆ ଅମଳ ଯନ୍ତ୍ର ଉପରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଥିରୁ ଦେଖାଯାଇଥିଲାଯେ ହାତରେ ଘଂଟା ପ୍ରତି ୨୪ କେ.ଜି. ମାଣ୍ଡିଆ ଅମଳ ହେଉଥିବା ବେଳେ ଯନ୍ତ୍ର ଦ୍ୱାରା ଘଂଟା ପ୍ରତି ୭୬ କେ.ଜି. ଅମଳ ହୋଇପାରିଥିଲା ।ଏକ୍ତି ଚାଳିତ ଯନ୍ତ୍ରଟିର ଉପଯୋଗୀତା ଦେଖି ଆଖ ପାଖ ଗ୍ରାମର ଅଧିକ ମାଣ୍ଡିଆ ଚାଷୀ ଏହାକୁ ଆପଣେଇ ଶ୍ରମ, ଅର୍ଥ ଓ ପରିଶ୍ରମ କମ୍ କରିବାପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

ମରୁଡ଼ି ସହଣୀ କିସମ ସର୍ଣ୍ଣ ଶ୍ରେୟା ର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ

ବରଗଡ଼ ଜିଲ୍ଲାର ମରୁଡ଼ି ପ୍ରବଣ ଅଂଚଳକୁ ଆଖିଆଗରେ ରଖି ବାନ୍ଦେଜ ବାହାଲ, କମଲା ପଦର ଗ୍ରାମରେ ମରୁଡ଼ି ସହଣୀ କିସମ ସ୍ୱର୍ଣ୍ଣ ଶ୍ରେୟା ର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି କିସମଟି ୧୨୦-୧୨୫ ଦିନ ଅବଧି ବିଶିଷ୍ଟ ।ଏହା ବର୍ଷାଶ୍ରୀତ ମଝିଆଳି କିସମ ଜମିରେ ବୁଆଯାଇଥିଲା । ଏହି କିସମଟିରେ ବୁଦାପ୍ରତି ୧୪ ଟି ପିଲ ଆସିଥିଲା ଏହା ହେକ୍ଟର ପ୍ରତି ୩୯କ୍ୱି. ଅମଳ ଦେଇଥିଲା ଯାହାକି ତାଙ୍କର ପାରମ୍ପାରିକ ପଦ୍ଧତି ଅପେକ୍ଷା ୧୪.୭% ଅଧିକ ଥିଲା । ଏଥିପାଇଁ ଏହି କିସମଟିକୁ ଚାଷୀ ମାନେ ବହୁତ ପସନ୍ଦ କରିଛନ୍ତି ।

ବିଗତ ଆର୍ଥିକ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ:

ଧାନ ଅମଳପରେ ସ୍ୱଳ୍ପ ଅବଧି ବିଶିଷ୍ଟ ଶୋରିଷ କିସମ PUSA-୨୮ କୁ ୬୩ ଜଣ ଚାଷୀଙ୍କ ଜମିରେ ବ୍ରୋରାକୁ ସହ ବୁଣାଯାଇ ସଫଳଭାବେ ସମୂହ କ୍ଷେତ ପ୍ରଦର୍ଶନ କାରାଯାଇଥିଲା ।

ପୃଷ୍ଟି ସୁରକ୍ଷାପାଇଁ ମାଣ୍ଡିଆ କିସମ ଅର୍ଜୁନକୁ ୧୦ ଜଣ ଚାଷୀଙ୍କ କ୍ଷେତ୍ରରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା ଏଥିସହ ବୈଜ୍ଞାନିକ ପଦ୍ଧତିରେ ମାଣ୍ଡିଆ ଚାଷ ସମ୍ବନ୍ଧୀୟ ୫୦୦ ଟି କ୍ଷୁଦ୍ର ପୁସ୍ତିକା ଚାଷୀ ମାନଙ୍କୁ ବିତରଣ କରାଯାଇଥିଲା ।

ମିଠା ମକା ର ପ୍ରସାର ନିମନ୍ତେ ୩ଟି ବ୍ଲକ୍ ର ୫୦ଜଣ ଚାଷୀଙ୍କୁ ଏହାର କିସମ ସୁଗାର ୭୫ ଓ ମିଷ୍ଟି ଯୋଗାଇ ଦିଆଯାଇ ଏହାର ଚାଷ କୌଶଳ ଉପରେ ତାଲିମ୍ ପ୍ରଦାନ କାରାଯାଇଥିଲା ।

ଉତମ ଗୁଣବତା ସମ୍ପନ୍ନ କଳା କୁକୁଡ଼ା ପ୍ରଜାତି କଡ଼କନାଥର ବିସ୍ତାର ପାଇଁ ୬୦ ଜଣ ମହିଳା ଚାଷୀଙ୍କୁ ୧୨୦୦ଟି ଯୋଗାଇ ଦିଆଯାଇଥିଲା

ଟମାଟୋର ମୂଲ୍ୟଯୁକ୍ତ ଉତ୍ପାଦ ପାଇଁ ୩ଟି ବ୍ଲକରେ ୨ଟି କିସମ ଅର୍କ ଅପେକ୍ଷା ଓ ଅର୍କ କିସମର୬୦୦୦ ଚାରାକୁ ମହିଳା ଚାଷିଙ୍କ ଜମିରେ କ୍ଷେତ୍ର ପରିକ୍ଷଣ କରାଯାଇଥିଲା ।

ବର୍ଷା ଦିନିଆ ପିଆଜ କିସମ ଭିମା ରେଡ଼ର ୧୫୦୦୦ ଚାରାକୁ ୧୦ ଜଣ ଚାଷୀଙ୍କ ଜମିରେ କ୍ଷେତ୍ର ପ୍ରଦର୍ଶନ କରାରାଯାଇଥିଲା ।